Chapter- 4

# ବିପ୍ଳବୀ ବିର୍ସାମୁଣ୍ଡା

**STUDY NOTES**

## MIND MAP



ମୁଣ୍ଡାମାନେ ହେଉଛନ୍ତି ଆଦିବାସୀ, ବହାରର ରାଂଚି ନିକଟରେ ଥିବା ତୋମଡ଼ାଗା ନଈ କୂଳରେ ‘ଚୁଟୁ’ ଓ ‘ନାରୁ’ ଦୁଇ ଡାଇ ଘର କରି ରହିଥିଲେ । ସେଠାକାର ନାମ ଦେଇଥିଲେ ‘ଚିଟିୟା’ କିଛିଦିନ ପରେ ସେହି ମାଳ ଅଂଚଳର ନାମ ଦୁଇଭାଇଙ୍କ ନାମ ଅନୁସାରେ ‘ଛୋଟନାଗପୁର’ ହେଲା । ବିର୍ସାମୁଣ୍ଡାଙ୍କ ବାପାଙ୍କ ନାମ ସୁଗୁନା ମୁଣ୍ଡା ଓ ତାର ମାଆ କରିମ୍ । ତାଙ୍କର ତିନି ଭାଇ ଓ ଦୁଇ ଭଉଣୀ ଥିଲେ । ଗୁରୁବାରେ ଜନ୍ମଗ୍ରହଣ କରିଥିଲେ । ପରିବାର ଓ ଅନ୍ୟମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ପିଲାଦିନେ ବଂଶୀ ଓ ଟୁଇଲା ବଜାଉଥିଲେ । ଇଂରେଜମାନଙ୍କ ଅମାନୁଷିକ କାର୍ଯ୍ୟ ପ୍ରତି ସେ ସ୍ୱର ବାଢ଼ୁବା ସହ ଅନ୍ୟାୟ ବିରୁଦ୍ଧରେ ଲଢ଼ିବକାକୁ ଶପଥ ନେଲେ । ଆଦିବାସୀମାନଙ୍କୁ ଅସ୍ତ୍ର ଧରାଇଲେ ଶତ୍ରୁମାନଙ୍କୁ ଦେଶରୁ ତଡ଼ିବା ପାଇଁ । ଇଂରେଜମାନେ ମୁଣ୍ଡାଙ୍କ ବିରୁଦ୍ଧରେ ଲାଗିଲେ । ଦୁର୍ଭିକ୍ଷ ପଡ଼ିବାରୁ ବସନ୍ତରେ ଶହ ଶହ ଲୋକ ମଲେ । ନିଜେ ରୋଗୀମାନଙ୍କ ସେବା କରିବାସହ ହଳଦି ଓ କଲରା ପତ୍ର ବାଟି ଖାଇବାକୁ ରୋଗୀମାନଙ୍କୁ ପରାମର୍ଶ ଦେଲେ । ଲୋକମାନେ ଭଲ ହୋଇଗଲେ । ଏସବୁ ବିର୍ସାମୁଣ୍ଡାର ମହତ ପଣିଆକଥା ଦେଶପ୍ରେମୀ ମଣିଷ ଥିଲେ ବିର୍ସାମୁଣ୍ଡା ଦେଶ ପ୍ରେମ, ବୀରତ୍ୱ, ମାଟି ମାଆ ପ୍ରତି ମମତ୍ୱବୋଧ ଓ ସେବାଭାବ ହିଁ ଥିଲା ତାଙ୍କର ମୂଳଭାବ । ଆଦିବାସୀମାନଙ୍କର ମାଟି, ମୂଳକ ଓ ମଣିଷମାନଙ୍କୁ ସମ୍ମାନ ଦେବା ଭାବକୁ ଅନୁସରଣକରିବା ଉଚିତ । ୧୯୦୦ ମସିହା ଜୁନ ୯ ତାରିଖ ସଖାଳେ ସେ ମୃତ୍ୟୁ ବରଣ କରିଥିଲେ ।

ODM EDUCATIONAL GROUP
Changing your Tomorrow